# ଆଜି ଅନୁଗୋଳ ଜିଲ୍ଲାରୁ ୩୨୦ଜଣ କରୋନା ପଜିଟିଭ ଚିହ୍ନଟ

## ପଜିଟିଭ ସଂଖ୍ୟା ୧୬୬୧୪ରେ ପହଞ୍ଚିଲା - ସୁସ୍ଥ ହେଲେ ୧୪୦ଜଣ ।

ଅନୁଗୋଳ, ତା.୦୨.୦୫:- ଆଜି ଅନୁଗୋଳ ଜିଲ୍ଲାରେ ୩୨୦ ଜଣ ନୂଆ କରୋନା ପଜିଟିଭ ଚିହ୍ନଟ ହୋଇଥିବାର ଜଣାପଡିଛି । ସେହିପରି ଅନ୍ୟ ଜିଲ୍ଲାରୁ ଅନୁଗୋଳରେ ସ୍ୱାବ ନମୁନା ଦେଇଥିବା ବ୍ୟକ୍ତିମାନଂକ ମଧ୍ୟରୁ ୧୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇ ସମୁଦାୟ ଆକ୍ରାନ୍ତଂକ ସଂଖ୍ୟା ୩୮୯ ରେ ପହଂଚିଛି । ଅନୁଗୋଳ ଜିଲ୍ଲା ମଧ୍ୟରୁ ଚିହ୍ନଟ ହୋଇଥିବା ଆକ୍ରାନ୍ତମାନଂକ ମଧ୍ୟରେ ବଣଁରପାଳ ବ୍ଲକ୍ ଅଂଚଳରୁ ୭୧ଜଣ ( ୫୪ଜଣ ପୁରୁଷ ଓ ୧୭ଜଣ ମହିଳା), ଛେଣ୍ଡିପଦା ବ୍ଲକ୍ ଅଂଚଳରୁ ୪୬ଜଣ ( ୩୪ଜଣ ପୁରୁଷ ଓ୧୨ ଜଣ ମହିଳା), ଅନୁଗୋଳ ପୌରାଞ୍ଚଳରୁ ୩୬ଜଣ ( ୩୧ଜଣ ପୁରୁଷ ଓ ୫ଜଣ ମହିଳା), ତାଳଚେର ବ୍ଲକ୍ ଅଂଚଳରୁ ୩୬ଜଣ ( ୨୮ଜଣ ପୁରୁଷ ଓ୮ ଜଣ ମହିଳା), ତାଳଚେର ପୌରାଞ୍ଚଳରୁ ୩୪ଜଣ (୨୨ ଜଣ ପୁରୁଷ ଓ ୧୨ଜଣ ମହିଳା), ଅନୁଗୋଳ ବ୍ଲକ୍ ଅଂଚଳରୁ ୨୭ଜଣ ( ୧୯ଜଣ ପୁରୁଷ ଓ ୮ ଜଣ ମହିଳା), ପାଲଲହଡା ବ୍ଲକ୍ ଅଂଚଳରୁ ୨୫ଜଣ ( ୨୨ଜଣ ପୁରୁଷ ଓ ୩ଜଣ ମହିଳା), କଣିହାଁ ବ୍ଲକ୍ ଅଂଚଳରୁ ୨୦ଜଣ ( ୧୬ଜଣ ପୁରୁଷ ଓ୪ ଜଣ ମହିଳା), ଆଠମଲ୍ଲିକ ବ୍ଲକ୍ ଅଂଚଳରୁ ୧୦ଜଣ ( ୬ଜଣ ପୁରୁଷ ଓ ୪ଜଣ ମହିଳା), ଆଠମଲ୍ଲିକ ବିଜ୍ଞାପିତ ଅଂଚଳ ପରିଷଦରୁ ୧୦ଜଣ ( ୫ଜଣ ପୁରୁଷ ଓ ୫ଜଣ ମହିଳା) ଓ କିଶୋରନଗର ବ୍ଲକ୍ ଅଂଚଳରୁ ୫ଜଣ (୪ ଜଣ ପୁରୁଷ ଓ ୧ଜଣ ମହିଳା) ଅଛନ୍ତି । ଚିହ୍ନଟ ହୋଇଥିବା ସମସ୍ତ ଲକ୍ଷଣଯୁକ୍ତ ଆକ୍ରାନ୍ତମାନଂକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର କରୋନା ୱାର୍ଡ ଓ ୪୮ ଜଣଂକୁ ତାଳଚେର କୋଭିଡ ହସପିଟାଲକୁ ଚିକିତ୍ସା ନିମନ୍ତେ ସ୍ଥାନାନ୍ତର କରାଯାଉଥିବା ବେଳେ ସ୍ୱଳ୍ପ ଲକ୍ଷଣଯୁକ୍ତ ଓ ଲକ୍ଷଣ ବିହିନ ଆକ୍ରାନ୍ତମାନଂକୁ ନିଜ ଘରେ Isolation ରେ ରଖାଯାଇ ନିରିକ୍ଷଣ କରାଯାଉଛି ବୋଲି ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପ୍ରକାଶ କରିଛନ୍ତି । ଆଜି ଅନୁଗୋଳ ଜିଲ୍ଲାରୁ ୧୪୦ ଜଣ ସୁସ୍ଥ ହୋଇଛନ୍ତି ।

ଅପରାହ୍ଣରେ ଜିଲ୍ଲାପାଳ କରୋନାର ସ୍ଥିତି ଓ ବିଭିନ୍ନ ଆନୁସଂଗୀକ ବ୍ୟବସ୍ଥା ଉପରେ ସମୀକ୍ଷା କରିଥିଲେ । କୋଭିଡ ହସପିଟାଲର ସଠିକ୍ ପରିଚାଳନା ନିମନ୍ତେ ଆକ୍ରାନ୍ତମାନଂକର ସୁବିଧାକୁ ଦୃଷ୍ଟିରେ ରଖି ସେମାନଂକ ପାଖରେ ଖାଦ୍ୟ ଓ ପାଣି ଯୋଗାଇ ଦେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଆକ୍ରାନ୍ତମାନଂକୁ ଆବଶ୍ୟକ କିଟ୍ ବ୍ୟାଗ୍ ଯୋଗାଇ ଦେବା ସହ କରୋନାରେ ଆକ୍ରାନ୍ତ ବ୍ୟକ୍ତିମାନଂକୁ ଘରୁ ହସପିଟାଲ ଆଣିବା ନିମନ୍ତେ ଆଂଚଳିକ ପରିବହନ ଅଧିକାରୀଂକ ସହାୟତାରେ ଆବଶ୍ୟକ ଗାଡି ଯୋଗାଇ ଦେବାକୁ ସ୍ଥିର କରାଗଲା । ଏହି ସମୀକ୍ଷା ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ଅଭୟ କୁମାର ଦାଶ ଓ ଅନୁଗୋଳ ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ବିଭାଭଞ୍ଜନ ସାମନ୍ତସିଂହାର ପ୍ରମୁଖ ଉପସ୍ଥିତ ଥିଲେ ।

**ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।**

ଜ୍ଞାପକ ସଂଖ୍ୟା. ୨୯୦ ତା.୦୨.୦୫.୨୦୨୧ ।

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରା ଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ